# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**28 January - 2025**

**News Editor : *Itishree Singh Rathaur***

**********************************

## ମୁଖ୍ୟ ସମ୍ବାଦ

- ଓଡ଼ିଶା ଖୁବ୍‌ଶୀଘ୍ର ସଶକ୍ତ ଓ ସମୃଦ୍ଧ ହେବ; 'ଉତ୍କର୍ଷ ଓଡ଼ିଶା, ମେକ୍ ଇନ୍ ଓଡ଼ିଶା' ସମ୍ମିଳନୀକୁ ଉଦ୍‌ଘାଟନ କରି କହିଲେ ପ୍ରଧାନମନ୍ତ୍ରୀ
- ଓଡ଼ିଶାରେ ପୁଞ୍ଜିନିବେଶ ପାଇଁ ବିଶିଷ୍ଟ ଶିଳ୍ପପତିଙ୍କ ସହ ଆଲୋଚନା କଲେ ମୁଖ୍ୟମନ୍ତ୍ରୀ
- ସମ୍ମିଳନୀରେ ଆଜି ୫୪ଟି ବୁଝାମଣା ସ୍ୱାକ୍ଷରିତ ହୋଇଥିବା ଶିଳ୍ପ ସଚିବଙ୍କ ସୂଚନା; ୪ ଲକ୍ଷ କୋଟି ଟଙ୍କାରୁ ଅଧିକ ନିବେଶ ସମ୍ଭାବନା
- ଉତ୍ତରାଖଣ୍ଡର ଡେରାଡୁନ୍‌ରେ ଜାତୀୟ କ୍ରୀଡ଼ା ପ୍ରତିଯୋଗିତାକୁ ଉଦ୍‌ଘାଟନ କଲେ ପ୍ରଧାନମନ୍ତ୍ରୀ

ଏବଂ

- କଟକ ସହର ସମ୍ପ୍ରସାରଣରେ ଆଉ ୧୦୨ ଗାଁ ସାମିଲ କରିବାକୁ ସିଡିଏର ଯୋଜନା

# ଉତ୍କର୍ଷ ଓଡ଼ିଶା ସମ୍ମେଳନ

ଓଡ଼ିଶା ଖୁବ୍‌ଶୀଘ୍ର ବିକାଶର ଶିଖର ଛୁଇଁବ। ଓଡ଼ିଶା ସଶକ୍ତ ଓ ସମୃଦ୍ଧ ହେବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ଭୁବନେଶ୍ୱରର ଜନତା ମଇଦାନଠାରେ ଆଜି ଦୁଇଦିନିଆ 'ଉତ୍କର୍ଷ ଓଡ଼ିଶା-ମେକ୍ ଇନ୍ ଓଡ଼ିଶା' ସମ୍ମିଳନୀକୁ ଉଦ୍‌ଘାଟନ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଓଡ଼ିଶାରେ ଅପାର ସମ୍ଭାବନା ଭରି ରହିଛି। ସବୁ କ୍ଷେତ୍ରରେ ଓଡ଼ିଶା ଭାରତର ଅଗ୍ରଣୀ ରାଜ୍ୟ ମଧ୍ୟରେ ସାମିଲ ହେବାକୁ ଦ୍ରୁତ ବେଗରେ ଆଗକୁ ବଢୁଛି। ଭାରତକୁ ବିଶ୍ୱର ତୃତୀୟ ବୃହତ ଅର୍ଥନୀତିରେ ପରିଣତ କରିବା ଦିଗରେ ଓଡ଼ିଶାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଶ୍ରୀ ମୋଦୀ କହିଛନ୍ତି, ଓଡ଼ିଶାବାସୀଙ୍କ କ୍ଷମତା ଉପରେ ତାଙ୍କର ପ୍ରଗାଢ଼ ବିଶ୍ୱାସ ରହିଛି। ରାଜ୍ୟକୁ ସର୍ବୋତ୍ତମ ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥନୀତି ରାଜ୍ୟ ରୂପେ ଗଢ଼ି ତୋଳିବାର ସେମାନଙ୍କ ସାମର୍ଥ୍ୟ ରହିଛି।

ପ୍ରଧାନମନ୍ତ୍ରୀ' ନିବେଶକ ଏବଂ ଶିଳ୍ପପତିମାନଙ୍କୁ ଓଡ଼ିଶାରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, ଯୁବକମାନଙ୍କ ଦ୍ୱାରା ଷ୍ଟାର୍ଟଅପ୍, ଗବେଷଣା ଏବଂ ନବସୃଜନ କାର୍ଯ୍ୟଗୁଡ଼ିକୁ ସମର୍ଥନ କରିବାକୁ ଆହ୍ୱାନ ଦେବା ସହିତ ଏସବୁ କ୍ଷେତ୍ରରେ ସରକାର ସମସ୍ତ ସହାୟତା ଯୋଗାଇଦେବେ ବୋଲି କହିଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ ଉତ୍କର୍ଷ ଓଡ଼ିଶା ଗ୍ୟାଲେରୀ ପରିଦର୍ଶନ କରିଥିଲେ।

*BBSR-R*

## ଉତ୍କର୍ଷ ଓଡ଼ିଶା-୨

ଉତ୍କର୍ଷ ଓଡ଼ିଶା ସମ୍ମିଳନୀର ଆଜି ପ୍ରଥମ ଦିନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୃହତ ଶିଳ୍ପ ସଂସ୍ଥାର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀମାନଙ୍କ ସହ ଗୋଲଟେବୁଲ ବୈଠକରେ ଆଲୋଚନା କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଓଡ଼ିଶାରେ ଅପାର ସମ୍ଭାବନା ଥିବାରୁ ପୁଞ୍ଜିନିବେଶ ପାଇଁ ଶିଳ୍ପପତିମାନଙ୍କୁ ଆହ୍ୱାନ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଓଡ଼ିଶାର ଭିତ୍ତିଭୂମି ବିକାଶ ଉପରେ ଗୁରୁତ୍ୱ ପ୍ରଦାନ କରାଯାଉଛି। ଆକାଶ, ରେଳ ଓ ସଡ଼କ ଯୋଗାଯୋଗ ବ୍ୟବସ୍ଥାକୁ ସୁଦୃଢ଼ କରାଯାଇଛି। ଖୁବ୍‌ଶୀଘ୍ର ଓଡ଼ିଶା ଭାରତର ବିକାଶ ଇଞ୍ଜିନ୍ ହେବାକୁ ଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

**- V/O -**

*BBSR/R*

## ଉତ୍କର୍ଷ ଓଡ଼ିଶା-୩

ଉତ୍କର୍ଷ ଓଡ଼ିଶା ସମ୍ମିଳନୀର ଆଜି ପ୍ରଥମ ଦିନରେ ଅପରାହ୍ନ ସୁଦ୍ଧା ମୋଟ୍ ୫୪ଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିବା ଶିଳ୍ପ ବିଭାଗର ପ୍ରମୁଖ ସଚିବ ହେମନ୍ତ ଶର୍ମା ସୂଚନା ଦେଇଛନ୍ତି। ଶ୍ରୀ ଶର୍ମା କହିଛନ୍ତି, ଏହି ବୁଝାମଣା ଦ୍ୱାରା ରାଜ୍ୟରେ ପ୍ରାୟ ୪ ଦଶମିକ ୫ ଲକ୍ଷ କୋଟି ଟଙ୍କାର ନିବେଶର ସମ୍ଭାବନା ରହିଛି। ଏଥିରେ ଅଦାନୀ ଗ୍ରୁପ୍ ସହିତ ସବୁଠୁ ବଡ଼ ୨

ଦଶମିକ ୨୮ ଲକ୍ଷ କୋଟି ଟଙ୍କାର ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ସେହିପରି କେନ୍ଦୁଝରରେ ଜେଏସ୍‌ଡବ୍ଲ୍ୟୁ ସହ ୫ ନିୟୁତ ଟନ୍‌ର ଷ୍ଟିଲ ପ୍ଲାଣ୍ଟ ପାଇଁ ଏମ୍‌ଓୟୁ ହୋଇଛି। ଜିନ୍ଦଲ ଗ୍ରୁପ୍ ଓଡ଼ିଶାରେ ଥିବା ବିଭିନ୍ନ ପ୍ଲାଣ୍ଟରେ ସମ୍ପ୍ରସାରଣ ପାଇଁ ୭୦ ହଜାର କୋଟି ଟଙ୍କା ପୁଞ୍ଜିନିବେଶ କରିବ। ବିର୍ଲା ଗ୍ରୁପ୍ ସହିତ କପର୍ ୟୁନିଟ୍ ପ୍ରତିଷ୍ଠା ପାଇଁ ମଧ୍ୟ ଏମ୍‌ଓୟୁ ହୋଇଛି ବୋଲି ଶ୍ରୀ ଶର୍ମା କହିଛନ୍ତି।

***Desk***

# ପିଏମ୍-ନ୍ୟାସନାଲ୍ ଗେମ୍ସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଉତ୍ତରାଖଣ୍ଡର ଡେରାଡୁନ୍‌ସ୍ଥିତ ମହାରାଣା ପ୍ରତାପ ଷ୍ଟାଡିୟମ୍‌ରେ ୩୮ତମ ଜାତୀୟ କ୍ରୀଡ଼ାକୁ ଉଦ୍‌ଘାଟନ କରିଛନ୍ତି । ଉଦ୍‌ଘାଟନୀ ଉତ୍ସବରେ କେନ୍ଦ୍ର ମନ୍ତ୍ରୀ, ଭାରତୀୟ ଅଲିମ୍ପିକ୍ ସଂଘର କର୍ମକର୍ତ୍ତା ଏବଂ ଜାତୀୟ ସ୍ତରୀୟ ଖେଳାଳିମାନେ ଯୋଗ ଦେଇଛନ୍ତି । ୧୮ ଦିନ ଧରି ଅନୁଷ୍ଠିତ ହେଉଥିବା ଏହି କ୍ରୀଡ଼ା ମହୋତ୍ସବରେ ପ୍ରାୟ ୧୦ ହଜାର ଖେଳାଳି ଏବଂ ୩୮ ଦଳର କର୍ମକର୍ତ୍ତା ଅଂଶ ଗ୍ରହଣ କରିଛନ୍ତି । ଓଡ଼ିଶାରୁ ୩୦୨ ଜଣ କ୍ରୀଡ଼ାବିତ୍ ୨୬ଟି ବର୍ଗରେ ଅଂଶ ଗ୍ରହଣ କରୁଛନ୍ତି ।

***Jajpur***

## ଅଶ୍ୱିନୀ ବୈଷ୍ଣବ- ଏସ୍‌ଟିପିଆଇ

ଯାଜପୁର ଜିଲ୍ଲା ତେନ୍ତୁଳିଖୁଣ୍ଟାଠାରେ ସଫ୍ଟୱେୟାର ଟେକ୍ନୋଲୋଜି ପାର୍କ ଅଫ୍ ଇଣ୍ଡିଆ– ଏସ୍‌ଟିପିଆଇ'କୁ କେନ୍ଦ୍ର ଇଲେକ୍‌ଟ୍ରୋନିକ୍ସ ଏବଂ

ସୂଚନା ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଭାସୀ ମାଧ୍ୟମରେ ଆଜି ଉଦ୍‌ଘାଟନ କରିଛନ୍ତି।

ପ୍ରାୟ ୨୦ ହଜାର ବର୍ଗଫୁଟ ପରିମିତ ଦୁଇ ମହଲା ବିଶିଷ୍ଟ ଅତ୍ୟାଧୁନିକ ସୌଧରେ ନିର୍ମିତ ଏହି କେନ୍ଦ୍ରରେ ପ୍ଲଗ୍ ଆଣ୍ଡି ପ୍ଲେ' ଇନକ୍ୟୁବେସନ, ସମ୍ମିଳନୀ କକ୍ଷ, ବୈଠକଖାନା, ନେଟଓ୍ୱର୍କ ଅପରେସନ୍ ସେଣ୍ଟର ଓ କାଫେଟେରିଆ ଆଦିର ସୁବିଧା ରହିଛି। ଏସ୍.ଟି.ପି.ଆଇ. ଭବନ ନିର୍ମାଣ ପାଇଁ ରାଜ୍ୟ ସରକାର ୩ ଏକର ଜମି ଯୋଗାଇଦେବା ସହ ଆର୍ଥିକ ଅନୁଦାନ ପ୍ରଦାନ କରିଛନ୍ତି।

***Desk***

## ସୁଭଦ୍ରା ଯୋଜନା

ନ୍ୟାସନାଲ ପେମେଣ୍ଟ ପୋର୍ଟାଲ–ଏନ୍‌ପିସିଆଇ ସହ ସଂଯୋଗୀକରଣରେ ସମସ୍ୟା ଯୋଗୁଁ ସୁଭଦ୍ରା ଯୋଜନାରୁ ବାଦ୍ ପଡ଼ିଥିବା ଆବେଦନକାରୀଙ୍କୁ ଯୋଜନାରେ ସାମିଲ ହେବା ପାଇଁ ଆଉ ଦୁଇଦିନ ସମୟ ଦିଆଯାଇଛି ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୂଚନା ଦେଇଛନ୍ତି। ଶ୍ରୀମତୀ ପରିଡ଼ା କହିଛନ୍ତି, ରାଜ୍ୟରେ ୩ ଲକ୍ଷ ୩୧ ହଜାର ହିତାଧିକାରୀ ଏନ୍‌ପିସିଆଇ ବିଫଳତା ଯୋଗୁଁ ଏହି ଯୋଜନାରୁ ବାଦ୍ ପଡୁଥିବା ଜଣାପଡ଼ିଛି। ସେମାନେ ଆସନ୍ତାକାଲି ଓ ଗୁରୁବାର - ୨୯ ଓ ୩୦ ତାରିଖରେ ନିଜ ନିଜର ଆକାଉଣ୍ଟ ଥିବା ବ୍ୟାଙ୍କକୁ ଯାଇ ଏନ୍‌ପିସିଆଇ ଆକ୍ଟିଭେଟ୍ କରାଇ ନେବାକୁ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ପରାମର୍ଶ

ଦେଇଛନ୍ତି । ଆବେଦନକାରୀଙ୍କ ସମସ୍ୟା ଦୂର କରିବା ପାଇଁ ମିଶନ ଶକ୍ତିର ବ୍ୟାଙ୍କମିତ୍ର, ବିଭିନ୍ନ ସେବାକେନ୍ଦ୍ରର କର୍ମଚାରୀ ଏବଂ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ରାଜ୍ୟ ସରକାର ଅନୁରୋଧ କରିଛନ୍ତି ବୋଲି ଶ୍ରୀମତୀ ପରିଡ଼ା କହିଛନ୍ତି ।

***Desk***

## କଟକ ସମ୍ପ୍ରସାରଣ

କଟକ ସହରକୁ ସମ୍ପ୍ରସାରଣ କରାଯିବ । କଟକ ମହାନଗର ନିଗମରେ ୧୦୨ଟି ଗାଁକୁ ସାମିଲ କରାଯିବ ବୋଲି କଟକ ଉନ୍ନୟନ କର୍ତ୍ତୃପକ୍ଷ-ସିଡିଏର ଉପାଧ୍ୟକ୍ଷ ଅନାମ ଚରଣ ପାତ୍ର କହିଛନ୍ତି । ଶ୍ରୀ ପାତ୍ର କହିଛନ୍ତି, ଏ ନେଇ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି ।

**- V/O –**

***Desk***

## ମହାକୁମ୍ଭ ମେଳା

ମଉନି ଅମାବାସ୍ୟା ଅବସରରେ ଆସନ୍ତାକାଲି ଉତ୍ତରପ୍ରଦେଶର ପ୍ରୟାଗରାଜ ମହାକୁମ୍ଭ ମେଳାରେ ଦ୍ୱିତୀୟ ଅମୃତସ୍ନାନ ଅନୁଷ୍ଠିତ ହେବ । ଗତ ୧୩ ତାରିଖରୁ ଆରମ୍ଭ ହୋଇଥିବା ବିଶ୍ୱର ସର୍ବବୃହତ ଧାର୍ମିକ ସମାବେଶ ମହାକୁମ୍ଭ ମେଳାର ପ୍ରଥମ ଅମୃତସ୍ନାନ ଗତ ୧୪ ତାରିଖ ମକର ସଂକ୍ରାନ୍ତି ଦିନ ଅନୁଷ୍ଠିତ ହୋଇଥିଲା । ଆସନ୍ତାକାଲି ମଉନି

ଅମାବାସ୍ୟା ସ୍ନାନ ପାଇଁ ପ୍ରୟାଗରାଜରେ  କୋଟି କୋଟି ଭକ୍ତ ଏବଂ ପର୍ଯ୍ୟଟକଙ୍କ ସମାବେଶକୁ ଦୃଷ୍ଟିରେ ରଖି ରାଜ୍ୟ ଏବଂ ଜିଲ୍ଲା ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି ।

***Nabarangpur***

## ମିସା ବନ୍ଦୀ ଭତ୍ତା

କେନ୍ଦ୍ର ସରକାରଙ୍କ ମିସା ବନ୍ଦୀ ଭତ୍ତା ଯୋଜନାରେ ନବରଙ୍ଗପୁର ଜିଲ୍ଲାର ତିନି ଜଣ ସତ୍ୟାଗ୍ରହୀ ସାମିଲ ହୋଇଛନ୍ତି । ସରକାରଙ୍କ ଯୋଜନା ଅନୁସାରେ ପ୍ରତ୍ୟେକ ମିସା ବନ୍ଦୀଙ୍କୁ ମାସିକ ୨୦ ହଜାର ଟଙ୍କାର ଭତ୍ତା ପ୍ରଦାନ କରାଯିବ । ସୂଚନାଯୋଗ୍ୟ, ୧୯୭୫ ମସିହାରେ ତତ୍କାଳୀନ ସରକାରଙ୍କ ଜରୁରୀକାଳୀନ ଆଇନ- ମିସା ବିରୋଧରେ ସ୍ୱର ଉତ୍ତୋଳନ କରି ନବରଙ୍ଗପୁର ସହରର ସୁଶୀଲ କୁମାର ଜୟନ୍ତ, ରବି ଶଙ୍କର ସାହୁ ଓ ଉମରକୋଟର ଜୟଦେବ ପରିଡ଼ା ଜେଲ୍ ଯାଇଥିଲେ ।

***Rayagada***

## ଦିଶା ବୈଠକ

ରାୟଗଡ଼ା ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା କେନ୍ଦ୍ରୀୟ ଯୋଜନାର ତଦାରଖ ପାଇଁ ଜିଲ୍ଲା ଉନ୍ନୟନ ସମନ୍ୱୟ ପର୍ଯ୍ୟାଲୋଚନା– ଦିଶା ବୈଠକ ସାଂସଦ ସପ୍ତଗିରି ଉଲାକାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି । ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ହୋଇଥିବା ବୈଠକରେ ଜିଲ୍ଲାରେ କାର୍ଯ୍ୟକାରୀ

ହେଉଥିବା  ବିଭିନ୍ନ କେନ୍ଦ୍ରୀୟ ଯୋଜନା ଉପରେ ଆଲୋଚନା ହେବା ସହ କାର୍ଯ୍ୟାନ୍ୱୟନ ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରାଯାଇଥିଲା ।

***Ganjam/DHNKL/Deogada/Boudh***

## ଖବର ସଂକ୍ଷିପ୍ତରେ...

ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡର ଜରଡ଼ା ପଞ୍ଚାୟତରେ ନବପଲ୍ଲୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ଭାରତ ସ୍କାଉଟ୍ ଆଣ୍ଡ ଗାଇଡ୍ସ ସେବା ଶିବିରକୁ ଜିଲ୍ଲା ମୁଖ୍ୟ କମିଶନର ବିନିତା ସେନାପତି ଆଜି ଉଦ୍‌ଘାଟନ କରିଛନ୍ତି ।

ଦେବଗଡ଼ ଜିଲ୍ଲା ଆଞ୍ଚଳିକ ପରିବହନ ବିଭାଗ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ସଡ଼କ ସୁରକ୍ଷା ମାସ ପାଳନ ଅବସରରେ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି ।

ବୌଦ୍ଧ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ଏବଂ ମହିଳା ଓ ଶିଶୁକଲ୍ୟାଣ ବିଭାଗର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ପୋଷ୍ୟସନ୍ତାନ ଗ୍ରହଣ ଆଇନ ସଚେତନତା କାର୍ଯ୍ୟକ୍ରମକୁ ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା ଉଦ୍‌ଘାଟନ କରିଛନ୍ତି ।

ଗଞ୍ଜାମ ଜିଲ୍ଲା ଛତ୍ରପୁର ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଏବଂ ପଞ୍ଚଦଶ ଅର୍ଥ କମିଶନର ବ୍ଲକସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି ।

***Puri/Nayagada/Malkangiri/Kendrapara***

## ଖବର ସଂକ୍ଷିପ୍ତରେ...୨

ନୟାଗଡ଼ ଜିଲ୍ଲା ଦଶପଲ୍ଲା ବନାଞ୍ଚଳରୁ ଆଜି ପୁରୀକୁ ପ୍ରଥମ ପର୍ଯ୍ୟାୟ ରଥକାଠ ପହଁଞ୍ଚିଛି। ପରମ୍ପରା ଅନୁଯାୟୀ ରଥକାଠ ବୋଝେଇ ଟ୍ରକଗୁଡ଼ିକୁ ପ୍ରଥମେ ଦଶପଲ୍ଲାର ମହାବୀର ମନ୍ଦିର ଏବଂ ପରେ ନୟାଗଡ଼ ଜଗନ୍ନାଥ ମନ୍ଦିରଠାରେ ପୂଜାର୍ଚ୍ଚନା କରାଯାଇଥିଲା। ଆଜି ପ୍ରଥମ ପର୍ଯ୍ୟାୟରେ ତିନୋଟି ଟ୍ରକ ଯୋଗେ ୧୦୧ ଖଣ୍ଡ ଅସନ ଓ ଧୌରା କାଠ ଶ୍ରୀରଥଖଳାକୁ ପଠାଯାଇଛି। ସେଥିମଧ୍ୟରୁ ୪୮ ଖଣ୍ଡ ଅସନ ଏବଂ ୫୩ ଖଣ୍ଡ ଧୌରା କାଠ ରହିଛି।

ମାଲକାନଗିରି ବିଧାୟକ ନରସିଂହ ମାଡ଼କାମୀ ଆଜି କୋରୁକୋଣ୍ଡା ମଣ୍ଡି ଗସ୍ତ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏହି ସମୟରେ ସେ ଚାଷୀମାନଙ୍କ ସହ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ।

କେନ୍ଦ୍ରାପଡ଼ା ଜିଲ୍ଲାରେ ଆଜି ନିଯୁକ୍ତି ଭିତ୍ତିକ ଦକ୍ଷତା ବିକାଶ ନିମନ୍ତେ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି।

***Desk***

## ହକି

ହକି ଇଣ୍ଡିଆ ଲିଗ୍‌ର ପୁରୁଷ ବର୍ଗରେ ଆଜି ରାଉରକେଲା ବିର୍ସାମୁଣ୍ଡା ଆନ୍ତର୍ଜାତିକ ହକି ଷ୍ଟାଡିୟମ୍‌ରେ ଟିମ୍ ଗୋନାସିକା ଓ ହାଇଦ୍ରାବାଦ୍ ତୁଫାନ୍ସ

ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ । ରାତି ୮ଟା ୧୫ ମିନିଟ୍‌ରେ ଏହି ମ୍ୟାଚ୍ ଖେଳାଯିବ ।

*********************************